# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 April - 2026

**********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟାରେ ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟ୍ ବୈଠକ
- ଓଡ଼ିଶାକୁ ସୁସ୍ଥ ପର୍ଯ୍ୟଟନର କେନ୍ଦ୍ରସ୍ଥଳୀ ଭାବେ ଗଢ଼ି ତୋଳିବା ଦିଗରେ ପ୍ରୟାସ ଜାରି ରଖିଛନ୍ତି ସରକାର
- ଜନଗଣନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସୁରକ୍ଷା ପାଇଁ ଆସିବ ସ୍ୱତନ୍ତ୍ର ମାର୍ଗଦର୍ଶିକା; କହିଲେ ରାଜସ୍ୱ ମନ୍ତ୍ରୀ
- 'ଆମ କ୍ଷମତା ଆମ ଗ୍ରହ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ଧରିତ୍ରୀ ଦିବସ'

ଏବଂ

- ଆଗାମୀ ତିନି ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମଲହରୀ ବୃଦ୍ଧି ନେଇ ତିନୋଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## କ୍ୟାବିନେଟ

ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାର କାର୍ଯ୍ୟସୂଚୀ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## କୋଷ୍ଟାଲ ମାରାଥନ-୨୦୨୬

ଓଡ଼ିଶାକୁ ସୁସ୍ଥ ପର୍ଯ୍ୟଟନର କେନ୍ଦ୍ରସ୍ଥଳୀଭାବେ ଗଢ଼ି ତୋଳିବା ଦିଗରେ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ପୁରୀ ବ୍ଲୁ-ଫ୍ଲାଗ୍ ବିଚ୍‌ଠାରେ ଆଜି ଓଡ଼ିଶା ଖଣି ନିଗମ-ଓଏମ୍‌ସି ଦ୍ୱାରା ଆୟୋଜିତ ପୁରୀ କୋଷ୍ଟାଲ ମାରାଥନ-୨୦୨୬ର ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ପର୍ଯ୍ୟଟନକୁ ବିଶ୍ୱସ୍ତରୀୟ କରିବାର ସମୟ ଉପନୀତ ହୋଇଛି। ଭାରତକୁ ଆସୁଥିବା ଏବଂ ଆସିବାର ଯୋଜନା କରୁଥିବା ପର୍ଯ୍ୟଟକ ଓଡ଼ିଶାକୁ ସେମାନଙ୍କ ପ୍ରଥମ ପସନ୍ଦ ଭାବେ ଚୟନ କରିପାରିବେ। ବେଳାଭୂମିରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ପର୍ଯ୍ୟଟନ କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ପାଇଁ ବିଭାଗ ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗର ନୂତନ ଟ୍ୟାଗ୍‌ଲାଇନ୍ 'ଥିଙ୍କ୍ ଇଣ୍ଡିଆ-

ଥିଙ୍କ ଓଡ଼ିଶା'କୁ ଉନ୍ମୋଚନ କରାଯାଇଛି । ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ବିଧାୟକ ଆଶ୍ରିତ୍ ପଟ୍ଟନାୟକ ଓ ଓମ୍‌ପ୍ରକାଶ ମିଶ୍ର, ପର୍ଯ୍ୟଟନ ବିଭାଗର କମିଶନର ତଥା ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ମାରାଥନ୍‌ରେ ଯୋଗ ଦେଇଥିଲେ ।

## ଜନଗଣନା

ଦେଶବ୍ୟାପୀ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ୨୬ ଲକ୍ଷରୁ ଅଧିକ ପରିବାର ସ୍ୱ-ଗଣନା ସୁବିଧାର ସୁଫଳ ପାଇଛନ୍ତି । ଭାରତର ରେଜିଷ୍ଟ୍ରାର ଜେନେରାଲ୍ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ଜନଗଣନା ଅଧୀନରେ ଡିଜିଟାଲ ମାଧ୍ୟମ ଉପଯୋଗରେ ନାଗରିକଙ୍କ ସକ୍ରିୟ ସହଯୋଗକୁ ଏହା ପ୍ରତିପାଦନ କରୁଛି । ଅନ୍‌ଲାଇନ ମାଧ୍ୟମରେ ସେମାନଙ୍କର ବିବରଣୀ ପଞ୍ଜୀକୃତ ହେବା ସରଳ ହୋଇପାରିଛି ।

ଚଳିତମାସ ପହିଲାରୁ ଦେଶବ୍ୟାପୀ ଜନଗଣନାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି । ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, ଚଣ୍ଡୀଗଡ଼, ଛତିଶଗଡ଼, ହରିଆଣା ଏବଂ ବିହାରରେ ଏବେ ସ୍ୱ-ଗଣନା ବ୍ୟବସ୍ଥା ଜାରି ରହିଛି । ତେବେ ଗୋଆ, କର୍ଣ୍ଣାଟକ, ମିଜୋରାମ, ଓଡ଼ିଶା, ସିକିମ୍, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ, ଦାଦ୍ରା ଓ ନଗରହାବେଲୀ ଏବଂ ଡାମନ ଓ ଡିଉ, ଜାତୀୟ ରାଜଧାନୀ ମହାନଗର

ଅଞ୍ଚଳ ଓ କ୍ୟାଣ୍ଟନମେଣ୍ଟ ସ୍ଥାନରେ ଆବାସ ତାଲିକା ପ୍ରସ୍ତୁତି ଓ ଗଣନା କାର୍ଯ୍ୟ ଜାରି ରହିଥିବା ସେ କହିଛନ୍ତି ।

## ଜନଗଣନା-ସୁରେଶ ପୂଜାରୀ

ଜନଗଣନା ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆସିବ ବୋଲି ରାଜସ୍ୱ ମନ୍ତ୍ରୀ **ସୁରେଶ ପୂଜାରୀ** କହିଛନ୍ତି। ଭୁବନେଶ୍ୱରଠାରେ ଆଜି ରାଜସ୍ୱ ଓ ଜନଗଣନା ଅଧିକାରୀଙ୍କ ସହ ବୈଠକ ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଗତ କିଛିଦିନ ମଧ୍ୟରେ କାର୍ଯ୍ୟରତ ଅବସ୍ଥାରେ ଜନଗଣନା କର୍ମଚାରୀଙ୍କ ହୃଦ୍‌ଘାତ, ଅଂଶୁଘାତ ଏବଂ ଦୁର୍ଘଟଣାର ଖବର ସାମ୍ନାକୁ ଆସିଛି। ଏପରିକି ଜନଗଣନା ସମୟରେ କିଛି ଅଧିକାରୀଙ୍କ ଉପରେ ଆକ୍ରମଣ କରାଯାଇଛି। ଏ ସମସ୍ତ ବିଷୟକୁ ଦୃଷ୍ଟିରେ ରଖି ସରକାର କର୍ମଚାରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଜନଗଣନା ବନ୍ଦ କରିବାକୁ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ କର୍ମଚାରୀ ଓ ଲୋକଙ୍କ ସୁରକ୍ଷା ସରକାରଙ୍କ ମୁଖ୍ୟ ଦାୟିତ୍ୱ ବୋଲି ଶ୍ରୀ ପୂଜାରୀ କହିଛନ୍ତି। **- V/O - (ସୁରେଶ ପୂଜାରୀ)**

ଚଳିତମାସ ୧୬ ତାରିଖରୁ ଜନଗଣନା ଆରମ୍ଭ ହୋଇଥିବାବେଳେ ଏହା ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଧରିତ୍ରୀ ଦିବସ

ପୃଥିବୀର ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ଆଜି ଧରିତ୍ରୀ ଦିବସ ପାଳନ କରାଯାଉଛି। ଚଳିତ ବର୍ଷର ବାର୍ତ୍ତା ରହିଛି **'ଆମ କ୍ଷମତା ଆମ ଗ୍ରହ'**। ୧୯୭୦ ମସିହା ଏପ୍ରିଲ ୨୨ ତାରିଖରେ ଆମେରିକାରେ ପ୍ରଥମଥର ପାଇଁ ଧରିତ୍ରୀ ଦିବସ ପାଳନ କରାଯାଇଥିଲା। ଏକ ଉତ୍ତମ ଭବିଷ୍ୟତ ଓ ସୁସ୍ଥ ପୃଥିବୀର ଗଠନ ଲାଗି ସମସ୍ତଙ୍କୁ ସଚେତନ କରାଇବା ଏହି ଦିବସର ମୂଳଲକ୍ଷ୍ୟ। ଏହି ଅବସରରେ ବିଭିନ୍ନ ସରକାରୀ, ବେସରକାରୀ ଏବଂ ଘରୋଇ ସଂସ୍ଥା ପକ୍ଷରୁ ବୃକ୍ଷରୋପଣ, ପରିବେଶ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ବିଶ୍ୱ ଧରିତ୍ରୀ ଦିବସ ଅବସରରେ **ଉପରାଷ୍ଟ୍ରପତି** ସି.ପି. ରାଧାକ୍ରିଷ୍ଣନ ଦେଶବାସୀଙ୍କୁ ଧରିତ୍ରୀର ରକ୍ଷା ଏବଂ ସଂରକ୍ଷଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହିତ ସ୍ଥାୟୀ ଜୀବନଶୈଳୀ ଆପଣାଇବା ଏବଂ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ପରିବେଶଗତ ଆହ୍ୱାନର ସମ୍ମୁଖୀନ ହେଉଥିବାରୁ ଏକ ସବୁଜ ଓ ସ୍ୱଚ୍ଛ ଭବିଷ୍ୟତ ପାଇଁ ଏକତ୍ର ହୋଇ କାର୍ଯ୍ୟ କରିବାକୁ ଉପରାଷ୍ଟ୍ରପତି କହିଛନ୍ତି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଧରିତ୍ରୀ ଦିବସରେ ପୃଥିବୀକୁ ମାତା ବୋଲି ବର୍ଣ୍ଣନା କରି ଏହାର ସୁରକ୍ଷା ମାନବଜାତିର କଲ୍ୟାଣ ସହ ଜଡିତ ଗୁରୁତ୍ୱପୂର୍ଣ୍ଣ

କର୍ତ୍ତବ୍ୟ ବୋଲି କହିଛନ୍ତି। ପୃଥିବୀର ସୁରକ୍ଷା ଆମର ଦାୟିତ୍ୱ ଓ ଆଗାମୀ ପିଢ଼ି ପାଇଁ ଏହା ସଂକଳ୍ପର ପ୍ରତୀକ ବୋଲି ଶ୍ରୀ ମୋଦୀ କହିଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଏହି ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ଏକ ସୁରକ୍ଷିତ ଭବିଷ୍ୟତ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବା ଜରୁରୀ।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ପରିବେଶ ସୁରକ୍ଷା ଏବଂ ପ୍ରକୃତି ସହିତ ସନ୍ତୁଳିତ ଜୀବନଯାପନ କରିବା ପାଇଁ ବାର୍ତ୍ତା ଦେଇଛନ୍ତି। ଆଜିର ଦିନ ଆମକୁ ପ୍ରକୃତି ସହିତ ଉତ୍ତମ ସମନ୍ୱୟ ସ୍ଥାପନ କରିବା ସହିତ ଆଗାମୀ ପିଢ଼ି ପାଇଁ ପୃଥିବୀକୁ ସୁରକ୍ଷିତ ରଖିବାର ଦାୟିତ୍ୱକୁ ସ୍ମରଣ କରାଇଥାଏ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ମାଳବିକା ଦେବୀ

**କଳାହାଣ୍ଡି** ଲୋକସେବା କ୍ଷେତ୍ରରେ ରେଳପ୍ରକଳ୍ପର ବିକାଶ ସହ ରେଳପଥ ସଂଯୋଗ ପାଇଁ ଆଜି ସାଂସଦ ମାଳବିକା ଦେବୀ ନୂଆଦିଲ୍ଲୀଠାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଛନ୍ତି। ସାକ୍ଷାତ ଅବସରରେ ରେଳପ୍ରକଳ୍ପ ନିର୍ମାଣ, ସମ୍ପ୍ରସାରଣ ଓ ଦ୍ରୁତଗାମୀ ଟ୍ରେନ୍‌ର ରହଣି ଦାବି ନେଇ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଦୁଇଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟରେ ୨୬ଟି ଜିଲ୍ଲାକୁ ରେଳ ସଂଯୋଗ ହୋଇଥିବାବେଳେ ଆସନ୍ତା ଦିନରେ ୩୦ଟି ଜିଲ୍ଲାକୁ ରେଳ ସଂଯୋଗ କରିବା ଲାଗି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

କଳାହାଣ୍ଡି ଜିଲ୍ଲାର ୭ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ନୂଆପଡାର ଖଡିଆଳକୁ ରେଳପଥ ସଂଯୋଗ ହୋଇନାହିଁ। ନୂଆପଡା ଜିଲ୍ଲା ପାଇଁ ଦୁଇଟି ରେଳପ୍ରକଳ୍ପ ଯୋଜନା ନେଇ ସାଂସଦ ମାଳବିକା ଦେବୀ ରେଳମନ୍ତ୍ରୀଙ୍କଠାରେ ଦାବି ଉପସ୍ଥାପନ କରିଛନ୍ତି।

## ବାଞ୍ଛାନିଧି ମହାନ୍ତି ଜୟନ୍ତୀ

**ଭଦ୍ରକ** ସଂସ୍କୃତିଭବନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବିପ୍ଳବୀ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଦାଶ ବେନହୁର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ କବିଙ୍କ ଦେଶପ୍ରେମ, ଜାତି ଓ ଚେତନାଭିତ୍ତିକ କାବ୍ୟକୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କବି ନିରଞ୍ଜନ ବେହୁରିଆଙ୍କୁ ବାଞ୍ଛାନିଧି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭଦ୍ରକ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବାଞ୍ଛାନିଧିଙ୍କ ରଚିତ ସଂଗୀତ ପରିବେଷଣ କରିଥିଲେ।

## ଶିଶୁ ଉଦ୍ଧାର

**ଭଦ୍ରକ** ରେଳବାଇ ପୁଲିସ୍ ଓ ଚାଇଲ୍ଡ ଲାଇନ୍‌ର ସହାୟତାରେ  ଜନଶତାବ୍ଦୀ ଟ୍ରେନ୍‌ରୁ ୧୩ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ସମସ୍ତ ଶିଶୁଙ୍କୁ ଜିଲ୍ଲା ସାମାଜିକ ଆଶ୍ରୟ ଅନୁଷ୍ଠାନରେ ରଖାଯାଇଛି। ଜିଲ୍ଲା ପୁଲିସ୍, ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

## ବନ୍ଧୁତ୍ୱପୂର୍ଣ୍ଣ ପୁଲିସ୍ ଷ୍ଟେସନ

**ନୂଆପଡା** ଜିଲ୍ଲାର ନୂଆପଡା ପୁଲିସ୍ ଷ୍ଟେସନ୍‌ଠାରେ ଶିଶୁ ବନ୍ଧୁତ୍ୱ ବ୍ୟବସ୍ଥାକୁ ଏସ୍‌ପି ଅମୃତ ପାଲ ସିଂ ଆଜି ଉଦ୍‌ଘାଟନ କରିଛନ୍ତି । ଅପରାଧୀମାନଙ୍କ ପିଲା କିମ୍ବା ଅପରାଧରେ ଜଡିତ ଥିବା ଶିଶୁଙ୍କୁ ସୁରକ୍ଷା ଦେବା ସହ ପୁଲିସ୍ ଷ୍ଟେସନ୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ, ଆବଶ୍ୟକ ଉପକରଣ ଯୋଗାଣ ଏବଂ ଆଇନ୍‌ଗତ ସହାୟତା ଦେବା ନେଇ ବ୍ୟବସ୍ଥା କରାଯାଇଛି ।

## ଆଇଆଇଏମ୍‌ସି

ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନ-ଆଇଆଇଏମ୍‌ସି ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମାରେ ନାମଲେଖା ସକାଶେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଇଚ୍ଛୁକ ଛାତ୍ରଛାତ୍ରୀ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଯେକୌଣସି ବିଷୟରେ ସ୍ନାତକ ସମାପ୍ତ କରିଥିବା ୨୫ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀ ଏହି ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ନବରଙ୍ଗପୁର** ଜିଲ୍ଲା ଷ୍ଟାଡିୟମ୍ ପରିସରରେ ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ୧୬ ଜଣିଆ ଦଳ ଚୟନ କରାଯାଇଛି । ଅଜିତା ଦାସଙ୍କ ନେତୃତ୍ୱରେ ଏହି ଦଳକୁ କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଘୋଷଣା କରିଛନ୍ତି ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ନେଇ  ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବଲାଙ୍ଗିର, ଅନୁଗୁଳ ଓ ଝାରସୁଗୁଡ଼ା ଜିଲ୍ଲାକୁ ହିଟ୍ ୱେଭ୍ ସତର୍କ ସୂଚନା ଜାରି କରାଯାଇଛି। **ସୁନ୍ଦରଗଡ଼** ଜିଲ୍ଲାରେ ଆସନ୍ତାକାଲିଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଜିଲ୍ଲାପାଳଙ୍କ ନିଷ୍ପତ୍ତିକ୍ରମେ ଜିଲ୍ଲା ଶିକ୍ଷାଧିକାରୀ ଛୁଟି ଘୋଷଣା କରିଛନ୍ତି। **କେନ୍ଦ୍ରାପଡ଼ା** ଜିଲ୍ଲାରେ ମଧ୍ୟ ଆସନ୍ତାକାଲିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ସୂଚୀ ମୁତାବକ ପରୀକ୍ଷା ଜାରି ରହିବ ବୋଲି ଜଣାପଡିଛି । **ସମ୍ବଲପୁର** ଜିଲ୍ଲାରେ ସ୍କୁଲ ଛୁଟି ଅବଧିକୁ ୨୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ଅନ୍ୟପକ୍ଷରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୬ଟି ଜିଲ୍ଲାର କେତେକ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।